# Akashvani, Sambalpur

## SAMBALPURI NEWS EVENING BULLETIN

## 17 October 2025- 7.02 pm- 7.12 pm.

***********************************************

୧- ଓଡ଼ିଶା ଅର୍ଥନୀତି କ୍ଷେତ୍ରେ ଅଲ୍‌ଗା ରାଜ୍ୟମାନ୍‌କର୍ ଠାନୁ ଅଏତ୍‌କା ବର୍‌କସ୍- କହେଲେ ରାଜ୍ୟପାଲ୍ ।

୨- ନିର୍ବାଚନ୍ ଆଘୋନୁ ପ୍ରାର୍ଥୀମାନ୍‌କର ଅପରାଧୀକ୍ ତଥ୍ୟ ଦେବାର୍‌କେ ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ନିର୍ଦ୍ଦେଶ୍ ।

- ନୂଆପଡ଼ା ନ ନିର୍ବାଚନ୍ ତିୟାରିର୍ ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ ଆଉ ପୁଲିସ୍ ନୋଡ଼ାଲ୍ ଅଧିକାରୀ ।

୩- ଆଏବା ଫେବୃଆରୀ ୧୫ ନୁ ହେଇପାରେ ଯୁକ୍ତ ଦୁଇ ପରୀକ୍ଷା ।

ଆଉର୍

୪- ବୈଷ୍ଣୋଦେବୀ ଯାତ୍ରା ବେଲ୍‌କେ ଜୀବନ୍ ଯାଇଥିବା ସୁବର୍ଣ୍ଣପୁର୍‌ର ୩ ଝନ୍ ତୀର୍ଥଯାତ୍ରୀଙ୍କର୍ ମଲାଦିହି ଆନ୍‌ବାର୍ ବ୍ୟବସ୍ଥା କରୁଛନ୍ ରାଜ୍ୟ ସରକାର୍ ।

ରାଜ୍ୟପାଲ୍- କୁଳପତି ପଦ୍     ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଓଡ଼ିଶା ଅର୍ଥନୀତି କ୍ଷେତ୍ରଥି ଅଲ୍‌ଗା ରାଜ୍ୟମାନ୍‌କର୍ ଠାନୁ ଅଏତ୍‌କା ବର୍‌କସ୍ ଥିତିଥି ଅଛେ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ରାଜ୍ ଭବନ୍ ଠାନେ ଆଏଜ୍ ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇକରି ଡକ୍ଟର୍ କମ୍ଭମ୍‌ପାଟି ଓଡ଼ିଶାର୍ କଳା ସଂସ୍କୃତି ଆଉ ପରମ୍ପରା ଅନନ୍ୟ ଆଏ ବଲି କହିଛନ୍ । ରାଜ୍ୟର୍ ବିକାଶ୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଇଥିବା ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ପଦକ୍ଷେପ୍ ବାବ୍‌ଦେ ଇ ଅବ୍‌ସରେ ରାଜ୍ୟପାଲ୍ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ରାଜ୍ୟର୍ ବିଶ୍ୱବିଦ୍ୟାଳୟ ମାନ୍‌କେ ଆଏବା ୨ /୩ ମାସ୍ ଭିତ୍‌ରେ ଖାଲି ପଡ଼ିଥିବା କୁଳପତି ପଦ୍ ପୂରଣ୍ କରାଯିବା ବଲି କହିଛନ୍ । ଇତାର୍ ସହେତେ ରାଜ୍ୟପାଲ୍ ରାଜ୍ୟର୍ ଅଧାନୁ ପାଠ୍‌ପଢ଼ା ଛାଡୁଥିବା ପିଲାଙ୍କର୍ ସଂଖ୍ୟାକେ ନେଇକରି ଉଦ୍‌ବେଗ ପ୍ରକାଶ୍ କରିଛନ୍ । ମହିଳା ବିରୋଧୀ ହିଂସାକେ ନେଇକରି ଚିନ୍ତାବ୍ୟକ୍ତ କର୍‌ବାର୍ ସହେତେ ହିଂସା ରୁକ୍‌ବାର୍ ଲାଗି ତୁର୍‌ତି ଦଣ୍ଡବିଧାନ୍ ଉପ୍‌ରେ ଜୋର୍ ଦେଇଛନ୍ ।

ଉପ ନିର୍ବାଚନ୍       I&PR

ନୂଆପଡ଼ା ଉପ ନିର୍ବାଚନ୍ ସହେତେ ଦେଶର୍ ୭ ଟା ରାଏଜେ ହେବାର୍‌କେ ଥିବା ଉପ ନିର୍ବାଚନ୍ ଲାଗି ଭାରତୀୟ ନିର୍ବାଚନ୍ ଆୟୋଗ୍ ପ୍ରାର୍ଥୀମାନ୍‌କର୍ ସବୁ ଆଘର୍ ଅପରାଧୀକ୍ ତଥ୍ୟ ଦାଖଲ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍‌ନାମା ଜାରି କରିଛନ୍ । ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଇ ନିର୍ଦ୍ଦେଶ୍‌ନାମାକେ ପାଲନ୍ କର୍‌ବାର୍ ଲାଗି ପ୍ରାର୍ଥୀମାନେ ବାଧ ଆନ୍ । ରାଜନୈତିକ୍ ଦଲ୍‌ମାନେ ପ୍ରାର୍ଥୀ ବାଛ୍‌ବାର୍ ୪୮ ଘଂଟା ଭିତ୍‌ରେ ଛାପା ଗଣମାଧ୍ୟମ୍, ନିଜର୍ ସାମାଜିକ୍ ଗଣମାଧ୍ୟମ୍ ଆଉ ୱେବ୍‌ସାଇଟ୍ ଜରିଏ ଫର୍ମ -ସି-୭ ଫଟିକ୍ ଭାବେ ପ୍ରକାଶ୍ କର୍‌ବେ । ଦଲ୍‌ମାନେ ପ୍ରାର୍ଥୀ ବାଛ୍‌ବାର୍ ୭୨ ଘଂଟା ଭିତ୍‌ରେ ଫର୍ମ-୮-ସି ଆର୍ ଫର୍ମ -ସି-୭ ର ନକଲ୍ ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ପାଖ୍‌କେ ଭିଲ୍ ପଠାବେ । ନାମାଙ୍କନ୍ ଦାଖଲ୍‌ର ଶେଷ୍ ତାରିଖ୍ ଆଏବା ୨୦ ତାରିଖ୍ ସୋମ୍‌ବାର୍‌ତକ୍ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ଜରିଏ ଆୟୋଗଙ୍କର୍ ପାଖେ ଦର୍‌ଖାସ୍ତ ଦାଖଲ୍ କର୍‌ବେ । ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ରାଜନୈତିକ୍ ଦଲ୍ ଆର୍ ପ୍ରାର୍ଥୀମାନେ ରାଜ୍ୟ ନିର୍ବାଚନ୍ ଅଧିକାରୀ ନାହେଲେ ନିର୍ବାଚନ୍ ଆୟୋଗଙ୍କର୍ ୱେବ୍‌ସାଇଟ୍ ଆଉ ଭିନ୍ ଭିନ୍ ସାମାଜିକ୍ ଗଣମାଧ୍ୟମ୍ ସାଇଟ୍ କେ ଯାଇପାର୍‌ବେ ।

ନୂଆପଡ଼ା ଉପ ନିର୍ବାଚନ-ପ୍ରସ୍ତୁତି I&PR

ନୂଆପଡ଼ା ଉପ ନିର୍ବାଚନ୍‌କେ ନେଇକରି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ଆଉ ରାଜ୍ୟ ପୁଲିସ୍ ନୋଡ଼ାଲ୍ ଅଧିକାରୀ ଆଉ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ୍ ସଞ୍ଜୟ କୁମାର୍ ଆଏଜ୍ ନୂଆପଡ଼ା ନ ପ୍ରଶାସନ୍‌ର ତୟାରି ଆର୍ ଆଇନ୍ ଶୃଙ୍ଖଲା ପରିସ୍ଥିତିର ସମୀକ୍ଷା କରିଛନ୍ । ସଖାଲ୍‌ବେଲା ଶ୍ରୀ ଗୋପାଲନ୍‌ଙ୍କର୍ ଅଧକ୍ଷତାଥି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ଗୁଟେ ବୈଠକ୍ ହେଇଥିଲା । ବୈଠକ୍‌ଥି ଶ୍ରୀ ଗୋପାଲନ୍ ଆଉ ଭାରତୀୟ ନିର୍ବାଚନ୍ ଆୟୋଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ନିରପେକ୍ଷ, ଭୟମୁକ୍ତ ନିର୍ବାଚନ୍ ଲାଗି ପ୍ରଶାସନ୍ ଆଉ ପୁଲିସ୍ ଭିତ୍‌ରେ ସମନ୍ୱୟ ରଖିକରି ନିର୍ବାଚନ୍ ବାବଦ୍ ସବୁ ଅଭିଯୋଗ୍ ଆଉ ସି-ଭିଜିଲ୍ ଥି ଆସୁଥିବା ଅଭିଯୋଗ୍ ମାନ୍‌କର୍ ତହାଲ୍ ସମାଧାନ୍ ଲାଗି ୨୪ ଘଂଟିଆ ସହାୟତା କେନ୍ଦ୍ରର୍ ପରିଚାଳନା ଉପ୍‌ରେ ଜୋର୍ ଦେଇଥିଲେ । ତାର୍ ଉତ୍‌ରୁ ଅଧିକାରୀମାନେ ଜିଲ୍ଲାପାଲ୍‌ଙ୍କର୍ ସାଙ୍ଗେ ପ୍ରିଜାଇଡିଂ ଆଉ ଫାଷ୍ଟ ପୁଲିଂ ଅଫିସର୍ ମାନ୍‌କର୍ ତାଲିମ୍ କେନ୍ଦ୍ରେ ବୁଲି ଦେଖିଥିଲେ ।

ନୂଆପଡ଼ା- ପ୍ରାର୍ଥୀପତ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍‌ର ନାମାଙ୍କନ୍ ପତ୍ର ଦାଖଲ୍‌ର ୫ ନମ୍ବର୍ ଦିନେ ଆଏଜ୍ ୬ ଟା ପ୍ରାର୍ଥୀପତ୍ର ବିକ୍ରି ହେଇଛେ ।   ଆଏଜ୍‌ତକ୍ ୨୦ ଝନ୍ ପ୍ରାର୍ଥୀ ୨୪ ଟା ପ୍ରାର୍ଥୀପତ୍ର ଘିନିଛନ୍ ବଲି ନୂଆପଡ଼ା ରିଟର୍ଣ୍ଣିଂ ଅଧିକାରୀ ସୁର୍‌ମି ସୋରେନ୍ ସୂଚ୍‌ନା ଦେଇଛନ୍ ।

ଯୁକ୍ତ ଦୁଇ ପରୀକ୍ଷା        ହି.ସ.

୨୦୨୬ ଫେବୃଆରୀ ୧୫ ନୁ ୨୫ ତାରିଖ୍ ଭିତ୍‌ରେ ଯୁକ୍ତ ଦୁଇ ପରୀକ୍ଷା ମୂଲ୍ ହେବା ବଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍‌ର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା ସୂଚ୍‌ନା ଦେଇଛନ୍ । ଶ୍ରୀ ପରିଡ଼ା କହିଛନ୍, ଇଥିର୍‌ଲାଗି ଡିସେମ୍ବର୍ ୧୫ ତାରିଖ୍‌ତକ୍ ପରୀକ୍ଷାର୍ଥୀମାନ୍‌କୁ ଏଡ୍‌ମିଟ୍‌କାର୍ଡ଼ ଯୁଗେଇ ଦିଆଯିବା । ଡିସେମ୍ବର୍ ୨୨ ନୁ ୩୧ ତାରିଖ୍‌ତକ୍ ଇଂଟର୍‌ନାଲ୍ ପରୀକ୍ଷା ହେବା । ଜାନୁଆରୀ ୨ ନୁ ୧୫ ତାରିଖ୍‌ତକ୍ ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ହେବା । ଯୁକ୍ତ ଦୁଇ ପରୀକ୍ଷା ଲାଗି ୧ ହଜାର୍ ୩ ଶହ ୪୯ ଟା ପରୀକ୍ଷା କେନ୍ଦ୍ରର୍ ବ୍ୟବସ୍ଥା କରାଯାଇଛେ । ଆଏବା ମାସର୍ ୨୯ ତାରିଖ୍‌ତକ୍ ସବୁ ପରୀକ୍ଷା କେନ୍ଦ୍ର ନ ସିସିଟିଭି କେମ୍‌ରା ଲଗାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଶ୍ରୀ ପରିଡ଼ା କହିଛନ୍ ।

ଏକ୍ ପେଡ଼୍ ମା କେ ନାମ୍- ବୈଠକ୍        I&PR

ଭୁବ୍‌ନେଶ୍ୱର୍ ଗୃହ ବିଭାଗ ସମ୍ମିଲନୀ କକ୍ଷ ନ ଏକ୍ ପେଡ୍ ମା କେ ନାମ୍ ୨ ନମ୍ବର୍ ଖେପ୍ ଅଭିଯାନ୍‌ଥି ଗଛ୍ ଲଗେଇକରି ତାର୍ ସୁରକ୍ଷା ଆଉ ଇଥିର୍‌ଲାଗି ଧାରିଜ୍ ହେଇଥିବା ନିୟମ୍ ଆଧାର୍‌ଥି ରାଜ୍ୟସ୍ତରୀୟ ତଦାରଖ୍ କମିଟିର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ ଅଧକ୍ଷତା କରିକରି କହିଛନ୍ ଗଛ୍ ବଁଚାବାର୍ ଆର୍ ତାର୍ ବଢ୍‌ବାର୍ ଉପ୍‌ରେ ହିଁ ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ର ସଫଲତା ନିର୍ଭର୍ କରୁଛେ । ମାର୍ଗଦର୍ଶିକା ଅନ୍‌ସାରେ ଗଛ୍ ମାନ୍‌କର୍ ସୁରକ୍ଷା କର୍‌ବାର୍ ସମ୍‌କର୍ ଦାୟିତ୍ୱ ଆଏ ବଲି ଶ୍ରୀ ସାହୁ କହିଛନ୍ ।

ଏସ୍‌ଆଇଟି ବୈଠକ        କଟକ୍ ସମ୍ବାଦଦାତା

କଳାଧନ୍ ବାବଦ୍ ଏସ୍‌ଆଇଟି ବୈଠକ୍ ଆଏବା ମାସର୍ ୭ ତାରିଖ୍ କଟକ୍ ଠାନେ ଜଷ୍ଟିସ୍ ଅରିଜିତ୍ ପଶାୟତ୍‌ଙ୍କର୍ ଅଧକ୍ଷତାଥି ହେବା । ସୂଚ୍‌ନା ଅନ୍‌ସାରେ ପୁଲିସ୍ ସବ୍‌ଇନ୍ସପେକ୍ଟର୍ ପରୀକ୍ଷାଥି ହେଇଥିବା ଅନିୟମିତା ଅଭିଯୋଗ୍ ବାବ୍‌ଦେ ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍‌କେ ନେଇକରି ଏସ୍‌ଆଇଟି ତର୍‌ଫୁ ଜବାବ୍ ମଗାଯାଇଛେ । ଇ ପ୍ରସଙ୍ଗଥି ବୈଠକ୍ ନ ଆଲୋଚନା

କରାଯିବାର୍ ସହେତେ ଗୁଣିଗାରେଡ଼ି ହତ୍ୟା ଘଟ୍ନାର୍ ତଥ୍ୟ ଭିଲ୍ ରଖ୍ବାର୍କେ ଏସ୍ଆଇଟି ତର୍ଫୁ କ୍ରାଇମ୍ବ୍ରାଂଚ୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ସାରଙ୍ଗଧର ଦାସ ଜୟନ୍ତୀ ଏକ୍ସ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ ଙ୍କର୍ ଜୟନ୍ତୀ ଅବ୍ସରେ ରାଜ୍ୟବାସୀ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଓଡ଼ିଶାର୍ ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ୍ଙ୍କର୍ ତ୍ୟାଗ ଆଉ ଆଦର୍ଶକେ ସୁର୍ତା କରିକରି ଶ୍ରଦ୍ଧାଞ୍ଜଲି ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ଥି କହିଛନ୍, ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧରଙ୍କର ତ୍ୟାଗ, ଜୀବନ ଆଦର୍ଶ ଆଉ ଦେଶର୍ ସ୍ୱାଧୀନତା ଲାଗି ତାଙ୍କର୍ ଅବଦାନ୍ ବହୁତ୍ ପିଢ଼ିତକ୍ ପ୍ରେରଣା ଦେଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସ୍ୱର୍ଗତ ଦାସ୍ଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇକରି ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନ୍ର ସେ ଝନେ ମୁଖିଆ ପୁରୋଧା ଥିଲେ ବଲି କହିଛନ୍ ।

ଚଂଚଲ୍ ରାଣା-ବିଡ଼ିଏ ଉପାଧକ୍ଷ I&PR

ଭୁବ୍‌ନେଶ୍ୱର୍ ଉନ୍ନୟନ୍ କର୍ତୃପକ୍ଷ- ବିଡ଼ିଏ ର ୨୭ ନମ୍ବର୍ ଉପାଧ୍ୟକ୍ଷ ଭାବେ ଆଇଏଏସ୍ ଅଧିକାରୀ ଚଂଚଲ୍ ରାଣା ଆଏଜ୍ ଦାୟିତ୍ୱ ଦେଇଛନ୍ । ଦାୟିତ୍ୱ ନେବାର୍ ପହେଲା ଦିନ ସେ ବିଡ଼ିଏ ଅଧିକାରୀମାନ୍‌କର୍ ସାଙ୍ଗେ ଭିନ୍ ଭିନ୍ ବିଷେଥି ବୈଠକ୍ ଆଲୋଚନା କରିଛନ୍ । ଇ ଅବ୍‌ସରେ ସହରର୍ ଉନ୍ନୟନ୍ ମୂଲକ୍ ଯୋଜ୍‌ନା ମାନ୍‌କର୍ ସମୀକ୍ଷା କର୍‌ବାର୍ ସହେତେ ରାଜ୍‌ଧାନୀର୍ ବିକାଶ୍ କ୍ଷେତ୍ର ମାନ୍‌କର୍ ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ଜୋର୍ ଦେଇଛନ୍ ।

ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ୍ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଦାରିଦ୍ର୍ୟ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ୍ ଦିବସ୍ ପାଲନ୍ ହେଉଛେ । ଫି' ବଛର୍ ଅକ୍ଟୋବର୍ ୧୭ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛ୍‌ରର୍ ବିଷୟବସ୍ତୁ ହେଉଛେ ' ପରିବାର୍ ପ୍ରତି ସମ୍ମାନ୍ ଆଉ ବର୍‌କସ୍ ସମର୍ଥନ୍ ସୁନିଶ୍ଚିତ୍ କରିକରି ସାମାଜିକ ଆଉ ସାଂଗଠନିକ୍ ଦୁର୍ବ୍ୟବହାର୍‌କେ ଶେଷ୍ କର୍‌ମା' । ଇନ ଜନେଇ ଦିଆଯାଇପାରେ ଯେ, ଇ ଦିବସ୍ ପାଲନ୍ ଲାଗି ୧୯୯୨ ମସିହାଥି ମିଳିତ ଜାତିସଂଘ ନ ଗୁଟେ ପ୍ରସ୍ତାବ ଗୃହୀତ ହେଇଥିଲା ।

ତୀର୍ଥଯାତ୍ରୀ ଦୁର୍ଘଟଣା I&PR

ମାଁ ବୈଷ୍ଣୋଦେବୀଙ୍କର୍ ଦର୍ଶନ୍ ଲାଗି ଯାଇଥିବା ୪ ଜନ୍ ଓଡ଼ିଆ ତୀର୍ଥଯାତ୍ରୀ ରାସ୍ତା ଦୁର୍ଘଟଣାର୍ ଶିକାର୍ ହେଇଛନ୍ । ସେଥିର୍‌ଭିତ୍‌ରୁ ୩ ଜନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ଜନେ ଜବର୍ ଜଖମ୍ ହେଇଛନ୍ । ମୃତକ୍‌ମାନେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବଲି ଜନାପଡ୍‌ବାର୍ ଉତ୍‌ରୁ ନୂଆଦିଲ୍ଲୀ ଠାନେ ଥିବା ଓଡ଼ିଶା ମୁଖ୍ୟ ଆବାସିକ ଆୟୁକ୍ତଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ଜିଲ୍ଲା ପ୍ରଶାସନ୍‌ର ସହଯୋଗ୍‌ଥି ମଲା ଦିହି ଫିରେଇ ଆନ୍‌ବାର୍ ଚେରେଷ୍ଟା ଚାଲିଛେ । ଇତାର୍‌ସହେତେ ଜମ୍ମୁ ନୁ ଚିକିସ୍ତିତ୍ ହେଉଥିବାର ଆହତ ତୀର୍ଥଯାତ୍ରୀଙ୍କର୍ ଚିକିସ୍ତା ବ୍ୟବସ୍ଥା ଉପ୍‌ରେ ଭିଲ୍ ଧ୍ୟାନ୍ ଦିଆଯାଉଛେ ବଲି ରାଜ୍ୟ ପରିବାର୍ ନିର୍ଦ୍ଦେଶାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବର୍‌ଗଡ୍ -ଦୁର୍ଘଟଣା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍- ସମ୍ବଲ୍‌ପୁର୍ ୫୩ ନମ୍ବର୍ ଜାତୀୟ ରାଜପଥ ନ ବର୍‌ଗଡ୍ ଜିଲ୍ଲା ଭଟ୍‌ଲି ଛକ୍ ଠାନେ ଗଲାରାତି ରାସ୍ତା ଦୁର୍ଘଟଣାଥି ୩ ଜନ୍‌କର୍ ଜୀବନ୍ ଯାଇଥିଲା ବେଲେ ଜନେ ଖଁଡ଼ିଆ ଖାବ୍‌ରା ହେଇଛନ୍ । ସମ୍ବଲ୍‌ପୁର୍ ଆଡୁ ସୋହେଲା ଆଡ଼େ ଯାଉଥିବା ଗୁଟେ କାର୍ ରାସ୍ତା ତରାକେ ଉଲ୍‌ଟି ପଡ଼ିଥିଲା । ବର୍‌ଗଡ୍ ପୁଲିସ୍ ତର୍‌ଫୁ ଘଟ୍‌ନାର୍ ତଦନ୍ତ ଚାଲିଛେ । ମୃତକ୍ ମାନ୍‌କର୍

ଭିତ୍ରୁ ଝନେ ବର୍‌ଗଡ୍, ଝନେ ଡୁଙ୍ଗୁରିପାଲି ଆର୍ ଝନେ ସମ୍ବଲପୁର୍‌ର ବଲି ଜନାପଡ଼ିଛେ ।

ଭୀମ୍‌ପାହାଡ୍ ମହୋତ୍ସବ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଦେଓଗାଁ ବ୍ଲକ୍ ଭୀମ୍‌ପାହାଡ୍ ତଲେ ଆଏବା ୨୨ ନୁ ୨୫ ତାରିଖ୍‌ତକ୍ ଭୀମ୍‌ପାହାଡ୍ ମହୋତ୍ସବ୍ ଆୟୋଜନ୍ କରାଯିବା । ଇ ବାବ୍‌ଦେ ମହୋତ୍ସବ୍ ଆୟୋଜନ୍ କମିଟି ତର୍‌ଫୁ ଆଏଜ୍ ସୂଚ୍‌ନା ଦିଆଯାଇଛେ । ଇତାର୍‌ସହେତେ ମହୋତ୍ସବ୍‌ର ଲୋଗୋ ଭିଲ୍ ଉନ୍ମୋଚନ୍ କରାଯାଇଛେ । ମହୋତ୍ସବ୍ ଅବ୍‌ସରେ ଫି' ଦିନ ନାମଯଜ୍ଞ, ଆଲୋଚନା ଚକ୍ର, ସାଂସ୍କୃତିକ୍ ସଭା ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ହେବା ବଲି କମିଟି ତର୍‌ଫୁ କୁହାଯାଇଛେ ।

ଦେବ୍‌ଗଡ୍ -ରାଷ୍ଟ୍ରୀୟ ପୋଷଣ ମାସ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପରିସର୍ ନ ରାଷ୍ଟ୍ରୀୟ ପୋଷଣ ମାସ -୨୦୨୫ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ ସଚେତନତା ସଭାଥି ଅତିଥି ମାନେ ଶରୀରର୍ ପୋଷକ ତତ୍ତ୍ୱର୍ ଅଭାବ୍ କେନ୍ତାକରି ଶାରୀରିକ୍ ଆଉ ମାନସିକ ଥିତି ଉପ୍‌ରେ ପ୍ରଭାବ୍ ପକାସି ସେ ଉପ୍‌ରେ ଆଲୋଚନା

କରିଥିଲେ । ଆଏଜ୍‌କାଲି ହାଟେ ବଜାରେ ମିଳୁଥିବା ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ନୁ ଦୂରେଇ ରହିକରି ଘରେ ତିଆରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଏବାର୍ ଲାଗି ପରାମର୍ଶ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ସହେତେ ସାରା ଦେଶୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାକାଏଲ୍‌ଠାନୁ ଫରିଯାଇଛେ । ଇତାର୍‌ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ପାଗ୍ ଶୁଖାରହିଛେ । ସେଆଡ଼େ ଆଏବା ସୋମ୍‌ବାର୍ ଦିନୁ ଦକ୍ଷିଣ ବଙ୍ଗୋପ୍‌ସାଗର୍ ନ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଆଏବା ୨୩/୨୪ ତାରିଖ୍ ବେଲ୍‌କେ ଲଘୁଚାପ୍ କ୍ଷେତ୍ର ଅବପାତ୍‌ଥି ବଦ୍‌ଲିପାରେ । ମାତର୍‌କ ଓଡ଼ିଶା ଉପ୍‌ରେ ଇତାର୍ ପ୍ରଭାବ୍ ରହେବା କି ନାଇଁ ରହେ କିଛି ଜନାନାଇଁପଡ଼ି ବଲି ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଏବା ୨୪ ଘଂଟା ଭିତ୍‌ରେ ସାରା ରାଏଜେ ପାଗ୍ ଶୁଖା ରହିପାରେ ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଆଏଜ୍ ଗୁଟେ ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।